# NATIONAL NEWS BULLETIN (ODIA)

## 08th June - 2024

## Morning Bulletin : 7.15 a.m.

**********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## <u>ମୁଖ୍ୟ ସମ୍ବାଦ</u>

- କେନ୍ଦ୍ରରେ ନୂତନ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କଲା ଏନ୍.ଡି.ଏ.

— ଆସନ୍ତାକାଲି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ନରେନ୍ଦ୍ର ମୋଦି ।

- ଟି.ଡି.ପି. ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଆସନ୍ତା ୧୨ ତାରିଖରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ ।

- ନିର୍ବାଚନକୁ ସୁରୁଖୁରୁରେ ସମ୍ପନ୍ନ କରିଥିବାରୁ ସମସ୍ତ ଅଧିକାରୀଙ୍କ କୃତଜ୍ଞତା ଜ୍ଞାପନ କଲେ ନିର୍ବାଚନ କମିଶନର୍ ରାଜୀବ କୁମାର ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ସିରିଜରେ ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ଏବଂ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ଜାରି ।

## ପି.ଏମ୍. - ପ୍ରେସିଡେଣ୍ଟ

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଛନ୍ତି । ଆସନ୍ତାକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଶ୍ରୀ ମୋଦିଙ୍କ ସମେତ ନୂତନ କ୍ୟାବିନେଟ୍ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ପୂର୍ବରୁ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ଏନ୍.ଡି.ଏ. ସଂସଦୀୟ ଦଳ ବୈଠକରେ ଶ୍ରୀ ମୋଦିଙ୍କୁ ସର୍ବସମ୍ମତିକ୍ରମେ ନେତା ଭାବେ ମନୋନୀତ ସଂକ୍ରାନ୍ତ ଚିଠି ପ୍ରଦାନ କରିଥିଲେ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଥିଲା ।

ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗଣମାଧ୍ୟମକୁ କହିଛନ୍ତି, ଏନ୍.ଡି.ଏ. ଏକ ଶକ୍ତିଶାଳୀ, ସ୍ଥିର ଏବଂ ଅଭିବୃଦ୍ଧିମୁଖୀ ସରକାର

ଗଠନ କରିବ । ଆସନ୍ତାକାଲି ଶପଥଗ୍ରହଣ ସମାରୋହ ପୂର୍ବରୁ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ତାଲିକା ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ଏନ୍.ଡି.ଏ. ସରକାର ଗଠନ କରିବା ନେଇ ଜନାଦେଶ ମିଳିଛି ଏବଂ ଅଷ୍ଟାଦଶ ଲୋକସଭା ନୂତନ ଏବଂ ଯୁବଶକ୍ତିର ସଭା ହେବ । ତାଙ୍କ ସରକାର ଦେଶର ଜନସାଧାରଣଙ୍କ ଆଶା ଓ ଅକାଂକ୍ଷା ପୂରଣ କରିବାକୁ ଚେଷ୍ଟା କରିବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ସ୍ଥିର ସରକାର ଦେଶ ଏବଂ ଏହାର ଅର୍ଥନୀତି ଓ ଯୁବବର୍ଗଙ୍କ ପାଇଁ କଲ୍ୟାଣକାରୀ ସାବ୍ୟସ୍ତ ହେବ । ଦେଶରେ ଦ୍ରୁତ ବିକାଶପାଇଁ ତାଙ୍କ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ପୂର୍ବରୁ ଏନ୍.ଡି.ଏ. ସଂସଦୀୟ ଦଳ ସର୍ବସମ୍ମତି କ୍ରମେ ନରେନ୍ଦ୍ର ମୋଦିଙ୍କୁ ମେଣ୍ଟର ନେତା ଭାବେ ମନୋନୀତ କରିଥିଲେ । ନୂଆଦିଲ୍ଲୀସ୍ଥିତ ପୁରୁଣା ସଂସଦ ଭବନର କେନ୍ଦ୍ରୀୟ ହଲ୍‌ରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଶ୍ରୀ ମୋଦିଙ୍କ ନାମ ପ୍ରସ୍ତାବ ଆଗତ କରିଥିଲେ । ଏନ୍.ଡି.ଏ.ର ସମସ୍ତ ସହଯୋଗୀ ଦଳ ଏହି ପ୍ରସ୍ତାବକୁ ସ୍ୱାଗତ କରିଥିଲେ । ଶ୍ରୀ ମୋଦି ଲୋକସଭାରେ ବି.ଜେ.ପି. ଏବଂ ବି.ଜେ.ପି. ସଂସଦୀୟ ଦଳର ନେତାଭାବେ ମଧ୍ୟ ମନୋନୀତ ହୋଇଛନ୍ତି । ଶ୍ରୀ ସିଂହଙ୍କ ପ୍ରସ୍ତାବକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ ମଧ୍ୟ ସମର୍ଥନ କରିଥିଲେ ।

ଟି.ଡି.ପି. ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, ଏନ୍.ଡି.ଏ. ସରକାର ଅମଳରେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଉଲ୍ଲେଖନୀୟ ପ୍ରଗତି ହାସଲ ହୋଇଛି ।

ବିହାର ମୁଖ୍ୟମନ୍ତ୍ରୀ ତଥା ଜେ.ଡି.ୟୁ. ସଭାପତି ନୀତିଶ କୁମାର କହିଛନ୍ତି, ଶ୍ରୀ ମୋଦିଙ୍କ ନେତୃତ୍ୱରେ ତାଙ୍କ ଦଳ ଏକାଠି କାମ କରିବ ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା (ସିନ୍ଦେ ଗୋଷ୍ଠୀ) ସଭାପତି ଏକନାଥ ସିନ୍ଦେ, ଏଲ୍.ଜେ.ପି. (ରାମବିଳାସ) ଦଳମୁଖ୍ୟ ଚରାଗ୍ ପାଶ୍ୱାନ୍, ଏନ୍.ସି.ପି. ନେତା ଅଜିତ୍ ପାୱାର, ଜନସେନା ମୁଖ୍ୟ ପୱନ୍ କଲ୍ୟାଣ, ଅପ୍ନା ଦଳ (ଏସ୍.) ନେତା ଅନୁପ୍ରିୟା ପଟେଲ୍ ଏବଂ ଜେ.ଡି.ଏସ୍. ନେତା ଏଚ୍.ଡି. କୁମାରସ୍ୱାମୀ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ।

## ଏନ୍. ଚନ୍ଦ୍ରବାବୁ ନାଇଡୁ

ତେଲୁଗୁଦେଶମ୍ ପାର୍ଟି ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁ ଆସନ୍ତା ୧୨ ତାରିଖ ଦିନ ପୂର୍ବାହ୍ନ ୧୧ଟା ୨୭ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ବିଜୟୱାଡ଼ା ନିକଟରେ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଏହି ସମାରୋହ ଏନ୍.ଡି.ଏ. ମେଣ୍ଟର ବରିଷ୍ଠ ନେତୃବୃନ୍ଦ ଏବଂ ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ୨୦୧୪ ବିଭାଜନ ପରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ

ଭାବେ ଦ୍ୱିତୀୟ ଥର ପାଇଁ ଶ୍ରୀ ନାଇଡୁ ଦାୟିତ୍ୱ ଗ୍ରହଣ କରିବେ । ଟି.ଡି.ପି.' ଜନସେନା, ଭାରତୀୟ ଜନତା ପାର୍ଟିର ଏନ୍.ଡି.ଏ. ମେଣ୍ଟ ୧୭୫ଟି ବିଧାନସଭା ଆସନ ମଧ୍ୟରୁ ୧୬୪ଟିରେ ବିଜୟ ଲାଭ କରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଛି ।

## ଇ.ସି. - ଜେ.କେ. ପୋଲ୍ସ୍

ଜମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ ସଙ୍କେତ ସଂକ୍ରାନ୍ତ ଆବେଦନ ପତ୍ର ତୁରନ୍ତ ଗ୍ରହଣ କରିବାକୁ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଜମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଶେଷ କରିବାକୁ ସୁପ୍ରିମ୍‌କୋର୍ଟ ଗତ ଡିସେମ୍ବର ମାସରେ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଞ୍ଜିକୃତ ଅଣସ୍ୱୀକୃତିପ୍ରାପ୍ତ ଦଳଗୁଡ଼ିକୁ ନିର୍ବାଚନ ସଙ୍କେତ ପାଇଁ ଆବେଦନ କରିବାକୁ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

## ସି.ବି.ଆଇ. - ଚାର୍ଜସିଟ୍

ଜମି ଦୁର୍ନୀତି ମାମଲାରେ ସି.ବି.ଆଇ. ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିଛି । ଏହି ମାମଲାରେ ପୂର୍ବତନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବ, ତାଙ୍କ

ପରିବାରର ସଦସ୍ୟ ଏବଂ ଅନ୍ୟ ବ୍ୟକ୍ତିବିଶେଷଙ୍କର ସମ୍ପୃକ୍ତି ନେଇ ଅଭିଯୋଗ ରହିଛି । ଚାର୍ଜସିଟ୍ ଉପରେ ଆସନ୍ତା ମାସ ୬ ତାରିଖରେ ଶୁଣାଣି ହେବ ବୋଲି ସି.ବି.ଆଇ. ସ୍ୱତନ୍ତ୍ର ଅଦାଲତ ଦିନ ଧାର୍ଯ୍ୟ କରିଛନ୍ତି । ସୂଚନାଯୋଗ୍ୟ, ଗତ ବର୍ଷ ଅକ୍ଟୋବରର ୪ ତାରିଖରେ କୋର୍ଟ ଲାଲୁପ୍ରସାଦ ଯାଦବ, ବିହାରର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ରାବିଡ଼ି ଦେବୀ ଏବଂ ଅନ୍ୟ କଥିତ ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରିଥିଲେ ।

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସି.ବି.ଆଇ.' ବି.ଆର୍.ଏସ୍. ନେତା କେ. କବିତାଙ୍କ ବିରୋଦରେ ଦିଲ୍ଲୀର ଏକ ଅଦାଲତରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରିଛି । ଏହି ମାମଲାର ଶୁଣାଣି ପାଇଁ ମଧ୍ୟ ଆସନ୍ତା ମାସ ୬ ତାରିଖକୁ ଦିନ ଧାର୍ଯ୍ୟ କରାଯାଇଛି । ଇତିମଧ୍ୟରେ ଅଦାଲତ କବିତାଙ୍କୁ ବିଚାର ବିଭାଗୀୟ ହାଜତକୁ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

## ସି.ଇ.ସି. ଲେଟର୍ସ

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ସମସ୍ତ ରିଟର୍ଣ୍ଣିଂ ଅଫିସର ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ସୁରୁଖୁରୁରେ ନିର୍ବାଚନ ସମ୍ପନ୍ନ ନେଇ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ଏହି ଅଧିକାରୀମାନଙ୍କ ଦାୟିତ୍ୱସମ୍ପନ୍ନ କାର୍ଯ୍ୟ ଯୋଗୁଁ ସଂସ୍ଥାଗତ ପ୍ରତିଷ୍ଠା ବଢ଼ିଛି ଏବଂ ନିର୍ବାଚନ କମିଶନ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛି । ସମସ୍ତ ଅଧିକାରୀଙ୍କୁ ଚିଠି ଲେଖି ସେମାନଙ୍କର

ଅନୁଭବ ତଥା ଅଭିଜ୍ଞତାକୁ ଦସ୍ତାବିଜ୍ କରି ରଖିବାକୁ ଶ୍ରୀ କୁମାର ଅନୁରୋଧ କରିଛନ୍ତି ।

ସେହିଭଳି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ୍ କମିଶନର୍ ଏବଂ ବରିଷ୍ଠ ଅଧିକାରୀଙ୍କୁ ଚିଠି ଲେଖି ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନା ପାଇଁ କୃତଜ୍ଞତା ଜଣାଇଛନ୍ତି ।

## ଏନ୍.ଏଚ୍.ଏ.ଆଇ. - ଟୋଲ୍

ଜାତୀୟ ରାଜପଥ ପ୍ରାଧିକରଣ - ଏନ୍.ଏଚ୍.ଏ.ଆଇ. ଦେଶରେ ଜି.ଏନ୍.ଏସ୍.ଏସ୍. ଆଧାରିତ ବୈଦ୍ୟୁତିକ ଟୋଲ୍ ସଂଗ୍ରହ ବ୍ୟବସ୍ଥା ବିକଶିତ ଓ କାର୍ଯ୍ୟକାରୀ କରିବାପାଇଁ ଆଗ୍ରହୀ କମ୍ପାନୀଗୁଡ଼ିକଠାରୁ ଟେଣ୍ଡର୍ ଆହ୍ୱାନ କରିଛନ୍ତି । ସାଧାରଣ ଜନତାଙ୍କୁ ନିରବଚ୍ଛିନ୍ନ ଏବଂ ପ୍ରତିବନ୍ଧକମୁକ୍ତ ଟୋଲ୍ ପ୍ରଦାନ ବ୍ୟବସ୍ଥା ଯୋଗାଇ ଦେବାପାଇଁ ଜି.ଏନ୍.ଏସ୍.ଏସ୍. ଆଧାରିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ପ୍ରାଧିକରଣ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ଛତିଶଗଡ଼ ଏନ୍‌କାଉଣ୍ଟର

ଛତିଶଗଡ଼ର ବସ୍ତର ଡିଭିଜନ୍‌ରେ ଗତକାଲି ଗୁଳି ବିନିମୟରେ ୫ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ଘଟଣାସ୍ଥଳରୁ ସେମାନଙ୍କର ମୃତଦେହ ଜବତ କରାଯାଇଛି । ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନାରାୟଣପୁର ଏବଂ ଦାନ୍ତେୱାଡ଼ା ସୀମାରେ ଏହି ଗୁଳି ବିନିମୟ ହୋଇଥିଲା । ଗୋବେଲ୍ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ଆଧାରରେ ଜିଲ୍ଲା ରିଜର୍ଭ ଗାର୍ଡ଼ ଏବଂ ଆଇ.ଟି.ବି.ପି.ର ମିଳିତ ତଲାସୀ ଅଭିଯାନବେଳେ ଏହି ଗୁଳି ବିନିମୟ ଘଟିଥିଲା । ମାଓବାଦୀଙ୍କ ଗୁଳିରେ ଡି.ଆର୍.ଜି.ର ୩ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି ।

## ଆର୍.ବି.ଆଇ. ପଲିସି

ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛନ୍ତି । ଗତକାଲି ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ପରେ ରେପୋ ରେଟ୍ ପୂର୍ବ ଭଳି ୬ ଦଶମିକ ୫ ପ୍ରତିଶତ ରଖାଯାଇଛି । କ୍ରମାଗତ ଭାବେ ଅଷ୍ଟମଥର ଲାଗି ରିଜର୍ଭ ବ୍ୟାଙ୍କ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ କରି ନାହାନ୍ତି । ଏହାଛଡ଼ା ସ୍ଥାୟୀ ଜମା ସୁବିଧା ଦର ୬ ଦଶମିକ ୨/୫ ପ୍ରତିଶତ ଏବଂ ଋଣ ସୁବିଧା ଦର ତଥା

ବ୍ୟାଙ୍କ ଦର ୧୦ ଦଶମିକ ୭/୫ ପ୍ରତିଶତ ରଖାଯାଇଛି । ମୁଦ୍ରାନୀତି ସମୀକ୍ଷା କରୁଥିବା କମିଟି  ଚଳିତଥର ଦୁଇଜଣ ବଦଳରେ ୪ ଜଣଙ୍କ ମତରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । କମିଟି ପକ୍ଷରୁ ଆର୍ଥିକ ବିକାଶକୁ ଗତିଶୀଳ କରିବା ଏବଂ ମୁଦ୍ରାସ୍ଫୀତିକୁ ସୀମିତ ରଖିବା ଉପରେ ଜୋର୍ ଦେଇଛି । ଏହି ବୈଠକ ଜୁନ୍ ୫ରୁ ଆରମ୍ଭ ହୋଇଥିଲା ।

ବୈଠକ ପରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ମୁଦ୍ରାସ୍ଫୀତି ଏବଂ ଆର୍ଥିକ ବୃଦ୍ଧି ମଧ୍ୟରେ ସନ୍ତୁଳନ ଅନୁକୂଳ ରହିଛି । ସେ କହିଛନ୍ତି ମୁଦ୍ରାନୀତି ଅନୁଯାୟୀ ମୁଦ୍ରାସ୍ଫୀତି ୪ ପ୍ରତିଶତ ମଧ୍ୟରେ ରଖାଯାଇଛି । ଆସନ୍ତା ମୌସୁମୀ ଋତୁରେ ଖାଦ୍ୟ ମୁଦ୍ରାସ୍ଫୀତି ଉପରେ କମିଟି ନଜର ରଖିଥିବା ସେ କହିଛନ୍ତି । ଚଳିତ ଆର୍ଥିକବର୍ଷ ପାଇଁ  ବିକାଶ ଦର ୭ ପ୍ରତିଶତରୁ ୭ ଦଶମିକ ୨ ପ୍ରତିଶତ କରାଯାଇଥିବା ସେ କହିଛନ୍ତି ।

## ଟି.-ଟ୍ୱେଣ୍ଟି ୱାର୍ଲଡ୍ କପ୍

ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ କାନାଡ଼ା ଆୟାର୍ଲାଣ୍ଡ୍‌କୁ ୧୨ ରନ୍‌ରେ ପରାସ୍ତ କରିଛି । ନ୍ୟୁୟର୍କର ନାଶାଉ କାଉଣ୍ଟି ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆୟାର୍ଲାଣ୍ଡ ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । କାନାଡ଼ା ନିର୍ଦ୍ଧାରିତ ୨୦ ଓଭର୍‌ରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୭

ୱିକେଟ୍ ବିନିମୟରେ ୧୩୭ ରନ୍ ସଂଗ୍ରହ କରିଥିଲା । ୧୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆୟାର୍ଲାଣ୍ଡ ୧୨୫ ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଆୟାର୍ଲାଣ୍ଡ ମାତ୍ର ୫୯ ରନ୍‌ରେ ୬ଟି ୱିକେଟ୍ ହରାଇଥିଲା । କ୍ରମାଗତ ଦ୍ୱିତୀୟ ପରାଜୟ ସହ ଆୟାର୍ଲାଣ୍ଡର ସୁପର୍ ୮ ପର୍ଯ୍ୟାୟକୁ ଉନ୍ନୀତ ହେବା ଆଶା ମଉଳି ଯାଇଛି ।

ବର୍ତ୍ତମାନ ନ୍ୟୁଜିଲାଣ୍ଡ ଏବଂ ଆଫଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଚାଲିଛି । ଟସ୍ ଜିତି ନ୍ୟୁଜିଲାଣ୍ଡ ଆଫଗାନିସ୍ତାନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ଆଫଗାନିସ୍ତାନ ୧୫୯ ରନ୍ ସଂଗ୍ରହ କରିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ନ୍ୟୁଜିଲାଣ୍ଡ ୧୬୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୩ ଓଭର ଶେଷ ସୁଦ୍ଧା ଗୋଟିଏ ୱିକେଟ୍ ବିନିମୟରେ ୧୮ ରନ୍ ସଂଗ୍ରହ କରିଥିଲା ।

ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଶ୍ରୀଲଙ୍କା ୧୪ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୯୮ ରନ୍ ସଂଗ୍ରହ କରିଥିଲା ।

*****